ସକାଳ

www.sakalaepaper.com



# କଳାବିକାଶ କେନ୍ଦ୍ରରେ 'ନବଗୁଞ୍ଜନ' କାର୍ଯ୍ୟକ୍ରମ



**କଟକ,୨୯।୭(ସମିସ):** ଜାତୀୟ ତଥା ଆନ୍ତର୍ଜାତୀୟ ସ୍ତରରେ ଓଡ଼ିଶାର ଏକ ସୁନାମଧନ୍ୟ ନୃତ୍ୟାନୁଷ୍ଠାନ ଗୁଞ୍ଜନ ଡାନ୍ସ ଏକାଡେମୀ ଆଜିର ଦିନରେ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛି । ପ୍ରତିବର୍ଷ ଗୁଞ୍ଜନ ଓଡ଼ିଶୀ ନୃତ୍ୟର ପ୍ରଚାର ଏବଂ ପ୍ରସାର ନିମନ୍ତେ ବର୍ଷ ସାରା ନିୟମିତ ଭାବେ ବିଭିନ୍ନ ଉତ୍ସବ ଆୟୋଜିତ କରିଥାଏ । ତାହା ମଧ୍ୟରୁ ନବଗୁଞ୍ଜନ ଉତ୍ସବ ଅନ୍ୟତମ, ଯାହାକି କି ବିଭିନ୍ନ ଅନୁଷ୍ଠାନରୁ ଉତ୍ସର୍ଗୀକୃତ ଓ ଉଦୀୟମାନ ଯୁବ ନୃତ୍ୟଶିଳ୍ପୀମାନଙ୍କୁ ଲୋକଲୋଚନକୁ ଆଣିବ ପାଇଁ ସୁଯୋଗ ଦେବା ସହିତ ଗୁଞ୍ଜନରେ ଗୁରୁ ଶ୍ରୀମତୀ ମୀରା ଦାସଙ୍କ ତତ୍ତ୍ୱବଧାନରେ ପ୍ରଶିକ୍ଷିତ ହେଉଥିବ ଏକ ନୃତ୍ୟଶିଳ୍ପୀଙ୍କୁ ଏହି ଉତ୍ସବରେ ନୃତ୍ୟ ପରିବେଷଣ ପାଇଁ ସୁଯୋଗ ଦିଆଯାଇଥାଏ । ରବିବାର କଳାବିକାଶ କେନ୍ଦ୍ରରେ "ନବ ଗୁଞ୍ଜନ' ଉତ୍ସବ ଆୟୋଜିତ ହୋଇଯାଇଛି । ଏହି ଅବସରରେ ଏକକ ନୃତ୍ୟ ପରମ୍ପରା ଭାବରେ ନିମନ୍ତ୍ରିତ ବିଭିନ୍ନ ଅନୁଷ୍ଠାନର ନୃତ୍ୟାଙ୍ଗନା ନୃତ୍ୟ ପରିବେଷଣ କରିବା ସହିତ ଗୁଞ୍ଜନର ବରିଷ୍ଠ ନୃତ୍ୟାଙ୍ଗନା ସୁଶ୍ରୀ ପ୍ରିୟଙ୍କା ଜେନା ମଧ୍ୟ ନୃତ୍ୟ ଉପସ୍ଥାପନା କରିଥିଲେ । ନବ ଗୁଞ୍ଜନର ସକାଳ ପ୍ରସ୍ତୁତିରେ ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ଆସୁଥିବା ନବ କଳିକା ମାନଙ୍କ ମଧ୍ୟରେ ନୃତ୍ୟ ପ୍ରତିଯୋଗିତା ଆୟୋଜିତ ହୋଇଥିଲା । ଆନ୍ତର୍ଜାତୀୟ ଖ୍ୟାତିସମ୍ପନ୍ନା ଓଡ଼ିଶୀ ନୃତ୍ୟ ଗୁରୁ  ମୀରା ଦାସଙ୍କ ଆବାହକତ୍ୱରେ ଏବଂ ଗୁଞ୍ଜନର ନୃତ୍ୟାଙ୍ଗନାଙ୍କ ଦ୍ୱାରା ସମସ୍ତ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା ।